ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/ 1331/22-02-2021**

# ପ୍ରେସ୍ ବିବୃତି

ଭୁବନେଶ୍ୱର :୨୨ ଫେବୃଆରୀ,୨୦୨୧

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ କହିଛନ୍ତି ଯେ ଲୋକଙ୍କ ବଜେଟ୍ ଓଡ଼ିଶାରେ ନୂତନ ଓଡ଼ିଶା-ସଶକ୍ତି ଓଡ଼ିଶାର ସ୍ୱପ୍ନକୁ ସାକାର କରିବା ଉଦ୍ଦେଶ୍ୟରେ ସ୍ୱାସ୍ଥ୍ୟସେବା, କୃଷି, ଶିକ୍ଷା, ଜୀବିକୀବିକା, ଭିତ୍ତିଭୂମି ଶିଳ୍ପ କ୍ଷେତ୍ରରେ ରୂପାନ୍ତରଣ ଉପରେ ଗୁରୁତ୍ୱ ଦିଆଯାଇଛି । ଓଡ଼ିଶା ବଜେଟ୍-୨୦୨୧ ମଧ ସମ୍ବେଦନଶୀଳ ଲୋକଙ୍କ ସୁରକ୍ଷା ପାଇଁ କାର୍ଯ୍ୟକ୍ରମଗୁଡ଼ିକ ଉପରେ ପ୍ରାଧାନ୍ୟ ଦେଇଛି ବୋଲି ସେ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାରେ ଜଳସେଚନ ସାମର୍ଥ୍ୟକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଓଡ଼ିଶା ବଜେଟ୍-୨୦୨୧ରେ ଜଳସଂପଦ ବିଭାଗ ପାଇଁ ୮,୨୬୬ କୋଟି ଟଙ୍କା ବରାଦ କରାଯାଇଛି । ବୃହତ୍ ଉଠାଜଳସେଚନ ପ୍ରକଳ୍ପ, ଅନ୍ତର୍ଗାହୀ ଜଳସଂରକ୍ଷଣ ଡାଞ୍ଚା, ବନ୍ୟା ନିୟନ୍ତ୍ରଣ ଓ ନିଷ୍କାସନ ନିମନ୍ତେ ଅଧିକ ବ୍ୟୟବରାଦ କରାଯାଇଛି ବୋଲି ସେ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ କୃଷକମାନଙ୍କ କଲ୍ୟାଣ ଓ ସଶକ୍ତିକରଣ ଉପରେ ପ୍ରାଥମିକତା ଦେଇ ଓଡ଼ିଶା ବଜେଟ୍‌ରେ କୃଷି ଓ ଆନୁଷଙ୍ଗିକ କାର୍ଯ୍ୟକଳାପ ପାଇଁ 'କାଳିଆ' ଯୋଜନାରେ ୧୮୦୦ କୋଟି ଟଙ୍କାର 'ମିଲେଟ୍ ଓଡ଼ିଶା' ପାଇଁ ୧୦୬ କୋଟି ଟଙ୍କା ଏବଂ ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ବିଭାଗ ପାଇଁ ୧୪୧୫ କୋଟି ଟଙ୍କାକୁ ମିଶାଇ ୧୭,୪୬୯ କୋଟି ଟଙ୍କାର ଅର୍ଥ ବ୍ୟବସ୍ଥା କରାଯାଇଛି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରିଛନ୍ତି ଯେ ଡିଜିଟାଲ୍ ଭିତ୍ତିଭୂମି ବିକଶିତ କରି ଇଲେକ୍‌ଟ୍ରୋନିକ୍ ପଦ୍ଧତିର ବ୍ୟବହାର କରି ବଜେଟ୍ କାଗଜାତର ପ୍ରସ୍ତୁତି ସମେତ ସଂପୂର୍ଣ୍ଣ ଇଲେକ୍‌ଟ୍ରୋନିକ୍ ବଜେଟ୍ ପ୍ରସ୍ତୁତ କରିବା ସହିତ ଏହାକୁ ଆଇ-ପ୍ୟାଡ୍‌ରେ ଅର୍ଥ ମନ୍ତ୍ରୀ ଶ୍ରୀ ନିରଞ୍ଜନ ପୂଜାରୀ ଉପସ୍ଥାପିତ କରିବା ଫଳରେ ଓଡ଼ିଶା ସଂପୂର୍ଣ୍ଣ ଇ-ବଜେଟ୍ ଆଗତ କରିବାରେ ସମଗ୍ର ଦେଶରେ ଦ୍ୱିତୀୟ ରାଜ୍ୟ ହୋଇପାରିଛି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ ଓଡ଼ିଶା ବଜେଟ୍-୨୦୨୧ ଜାତୀୟ ଇ-ବିଧାନ ଆପ୍ଲିକେସନ୍‌ରେ ଉପଲବ୍ଧ ହେବ ଓ ଏଥି ପାଇଁ ଆପ୍ ଷ୍ଟୋର୍‌ରେ ଏକ ଉତ୍ସର୍ଗୀକୃତ ଓଡ଼ିଶା ବଜେଟ୍ ଆପ୍ ପ୍ରସ୍ତୁତ କରାଯାଇଛି । ସଂପୂର୍ଣ୍ଣ କାଗଜଶୂନ୍ୟ ବଜେଟ୍ ଏକ ମଡେଲ୍ ହୋଇ ଦେଶରେ ଏକ ଉଦାହରଣ ସୃଷ୍ଟି କରିବା ସହିତ ପ୍ରାୟ ଦେଢ଼ କୋଟି ପୃଷ୍ଠା କାଗଜ ବ୍ୟୟ ହ୍ରାସ କରିଛି ଏବଂ ୨୦୦୦ ବଡ଼ ଗଛକୁ ସୁରକ୍ଷିତ ରଖିପାରିଛି ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**

- ମାନ୍ୟବର ମୁଖ୍ୟମନ୍ତ୍ରୀ ପୁନଶ୍ଚ କହିଛନ୍ତି ଯେ ଓଡ଼ିଶା ସରକାର ରାଜ୍ୟର ଲୋକମାନଙ୍କ ବଜେଟ୍ ପ୍ରସ୍ତୁତିରେ ଜନସାଧାରଣଙ୍କୁ ଅଂଶୀଦାର କରିବା ପାଇଁ ବିଭିନ୍ନ ଭାବରେ ସମାଜର ବିଭିନ୍ନ ବର୍ଗରୁ ମତାମତ ସଂଗ୍ରହ କରିଥିଲେ । ବଜେଟ୍ ପ୍ରସ୍ତୁତି ପ୍ରକ୍ରିୟାରେ ଜନସାଧାରଣଙ୍କୁ ସଶକ୍ତ କରିବାରେ ୨୦୧୭ ମସିହାରୁ ଆରମ୍ଭ କରାଯାଇଥିବା ନୀତିକୁ ଓଡ଼ିଶା ବଜେଟ୍-୨୦୨୧ ଆଗେଇ ନେଇଛି ବୋଲି ସେ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଲୋକଙ୍କ ବଜେଟ୍ ଓଡ଼ିଶାରେ ଜନସ୍ୱାସ୍ଥ୍ୟ ନିମନ୍ତେ ୯,୧୬୪ କୋଟି ଟଙ୍କାର ବ୍ୟବସ୍ଥା କରିବା ସହିତ ଏସ୍‌ସିବି ମେଡିକାଲ୍ କଲେଜ ଓ ହସ୍‌ପିଟାଲ୍‌ରେ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ ପରି ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା ଯୋଗାଇଦେବା ନିମନ୍ତେ ଏହାର ଉନ୍ନତିକରଣ ସକାଶେ ୩,୫୦୦ କୋଟି ଟଙ୍କା ବ୍ୟୟ କରିବାର ପ୍ରସ୍ତାବ ରଖିଛି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାରେ ଶୈକ୍ଷିକ ବାତାବରଣର ଦୃଢ଼ୀକରଣ ନିମନ୍ତେ ସମୁଦାୟ ୨୪,୩୭୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ଏଥିରେ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକର ବ୍ୟାପକ ପରିବର୍ତ୍ତନକୁ ସୁନିଶ୍ଚିତ କରାଯିବା ସହିତ ରାଜ୍ୟରେ ଥିବା ଆଦର୍ଶ ବିଦ୍ୟାଳୟଗୁଡ଼ିକର ଉନ୍ନତିକରଣ ଅନ୍ତର୍ଭୁକ୍ତ ବୋଲି ସେ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାରେ ଶିଳ୍ପ ବିକାଶକୁ ଅଧିକ ଆଗେଇ ନେବା ପାଇଁ ଓଡ଼ିଶା ବଜେଟ୍‌ରେ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ଓ ଶିଳ୍ପ କ୍ଷେତ୍ର ନିମନ୍ତେ ଯଥାକ୍ରମେ ୪୬୫ କୋଟି ୪୨୫ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ସେ କହିଛନ୍ତି ଯେ ଏହି ବଜେଟ୍ ବ୍ୟବସ୍ଥା ରାଜ୍ୟରେ ଶିଳ୍ପ ବିକାଶକୁ ଅଧିକ ଗତିଶୀଳ କରାଇବ ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଛନ୍ତି ଯେ ଓଡ଼ିଶା ବଜେଟ-୨୦୨୧ରେ ପୁରୀକୁ ଅବଢ଼ା ଯୋଜନାରେ ବିଶ୍ୱ ଐତିହ୍ୟ ନଗରୀ ଭାବରେ ବିକଶିତ କରିବା ପାଇଁ ୫-'ଟି' ଉପକ୍ରମ ଅଧୀନରେ ୫୪୨ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଥିବାବେଳେ ଏକାମ୍ର କ୍ଷେତ୍ର ଏବଂ ସମେଲେଶ୍ୱରୀ ମନ୍ଦିରର ବିକାଶ ଓ ରୂପାନ୍ତରଣ ପାଇଁ ୪୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ପୁଷ୍ଟିସାଧନ ନିମନ୍ତେ ନିର୍ଦ୍ଦିଷ୍ଟ ଯୋଜନାକୁ ଦୃଷ୍ଟିରେ ରଖି ଓଡ଼ିଶା ଏକ ପୁଷ୍ଟିସାଧନ ବଜେଟ୍ ପ୍ରସ୍ତୁତି ଅଭିଯାନରେ ଅଗ୍ରଗତି କରିଛି । ସମ୍ବେଦନଶୀଳ ଲୋକଙ୍କ ମଧ୍ୟରେ ପୁଷ୍ଟିସାଧନର ଫଳାଫଳକୁ ଅଧିକ ଉନ୍ନତ କରିବା ନିମନ୍ତେ ବହୁମୁଖୀ ଦୃଷ୍ଟିକୋଣ ନେଇ ଅନେକ ଲୋକାଭିମୁଖୀ ଯୋଜନା ନିମନ୍ତେ ବଜେଟ୍‌ରେ ବ୍ୟୟବରାଦ କରାଯାଇଛି ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବିଭିନ୍ନ ନୀତି ଓ ହସ୍ତକ୍ଷେପଗୁଡ଼ିକରେ ଶିଶୁମାନଙ୍କ ଅଧିକାରକୁ ଗୁରୁତ୍ୱ ଦେଇ ଓଡ଼ିଶା ବଜେଟ୍-୨୦୨୧ରେ ଶିଶୁମାନଙ୍କ ନିମନ୍ତେ ସ୍ୱତନ୍ତ୍ର ଓ କ୍ରିୟାଶୀଳ ଯୋଜନାଗୁଡ଼ିକ ନିମନ୍ତେ ବ୍ୟୟବରାଦ କରାଯାଇଛି । ରାଜ୍ୟ ଭବିଷ୍ୟତ ଭାବରେ ବିବେଚିତ ଶିଶୁମାନଙ୍କୁ ଲକ୍ଷ୍ୟ କରି ବିଭିନ୍ନ ଯୋଜନାରେ ପୁଂଜିବିନିଯୋଗ ନିମନ୍ତେ ଏହା ସହାୟକ ହେବ ବୋଲି ସେ କହିଛନ୍ତି ।

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ବିଶିଷ୍ଟ ଗାନ୍ଧୀବାଦୀ ସ୍ୱାଧୀନତା ସଂଗ୍ରାମୀ ଦେବାନନ୍ଦ ଗୁପ୍ତାଙ୍କ ଦେହାନ୍ତ ବିଷୟରେ ଜାଣି ଦୁଃଖପ୍ରକାଶ କରିଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ ଅମର ଆତ୍ମାର ସଦ୍‌ଗତି କାମନା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଲଦାଖରେ ଓଡ଼ିଆ ଯବାନ ଶଶାଙ୍କ ଶେଖର ସାମଲ ଶହୀଦ ହୋଇଥିବାରୁ ଦୁଃଖପ୍ରକାଶ କରିଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ ବୀର ଯବାନଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି ।

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୮୧,୮୯,୯୧୦ ଟି ନମୁନା କୋଭିଡ୍‌-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୩,୩୬,୭୦୫ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୩,୩୪, ୧୦୭ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୧୯୧୪ ଜଣ କୋଭିଡ୍‌-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୬୩୧ ରହିଛି ।
- ୬୩୧ ଜଣ ହସ୍‌ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

ପଠାଣି ରାଉତ
ସୂଚନା ଅଧିକାରୀ

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**